ବର୍ଚ୍ଛାରେ ଭୁସି ହତ୍ୟା କରୁଥିଲେ । ତୈଳଚିତ୍ରଟିର ଠିକ୍ ତଳେ ବସିଥିବା ଶ୍ରୀମତୀ ଚମକରାଣୀଙ୍କ ତେଜ ବି କିଛି କମ୍ ନଥିଲା । ତାଙ୍କ ମଥାରେ ଗୋଟେ ବଡ଼ ସିନ୍ଦୂର ଟୋପା ତାଙ୍କୁ ଅଧିକ ଭୟଙ୍କର କରି ତୋଳୁଥିଲା । ତାଙ୍କ ଦେହରେ ଏକ ଫିନ୍‌ଫିନ୍ କଟନ୍ ଶାଢ଼ି ।

'ଏଇ ସେଇ ଝିଅ ?'

ଚମକରାଣୀ ଜ୍ୟୋତ୍ସ୍ନାଙ୍କୁ ପ୍ରଶ୍ନ କଲେ, ଦେବସ୍ମିତାକୁ ଚାହିଁ । ଦେବସ୍ମିତାର ପିଳେହି ପାଣି । ଇଏ କ'ଣ ସବୁ ଜାଣିଛି ନା କ'ଣ !

'ହଁ । ଏଇ ସେଇ । ଦେବସ୍ମିତା । ଯାହା କଥା ମୁଁ ଆପଣଙ୍କୁ ଫୋନ୍‌ରେ କହୁଥିଲି ।' ଜ୍ୟୋତ୍ସ୍ନା ଉତ୍ତର ଦେଲା ।

'ସେ ଖଟୁଆ ବିରୋଧରେ ମୁଁ ଆଗରୁ ବି କିଛି କଥା ଶୁଣିଥିଲି । ଲୋକଟା ସତରେ ଗୋଟେ ଲେଡ଼ି କଲର୍ । ତାକୁ ପାନେ ଦେବାକୁ ପଡ଼ିବ ।'

'ହେଲେ କ'ଣ ହେବ ମ୍ୟାଡାମ ! ତା' ବିରୋଧରେ କେହି ମୁହଁ ଖୋଲିଲେ ତ !'

'ହଁ ଆଜିକାଲି ଝିଅମାନେ ବି କିଛି କମ୍ ନୁହଁନ୍ତି । ନିଜ କାମ ହାସଲ ପାଇଁ ସେମାନେ ସବୁ ସ୍ତରକୁ ଖସିବାକୁ ରାଜି ।'

ଚମକରାଣୀଙ୍କ ଶେଷ ପଦକ କଥା ଦେବସ୍ମିତାକୁ ଖରାପ ଲାଗିଲା । ସେ ତାକୁ ଆଉ ସେମିତି ଭାବୁ ନାହାଁନ୍ତି ତ ? କାମ ହାସଲ କରିବାର ଥିଲେ ସେ ଏଠିକି କାହିଁକି ଆସିଲା ?

'କହିଲୁ ଝିଅ, କ'ଣ ସବୁ କଲା ସେ ଖଟୁଆ ?'

ଦେବସ୍ମିତାକୁ ପଚାରିଲେ ଚମକରାଣୀ । କଥାଟା ଦେବସ୍ମିତାକୁ ଖୁବ୍ ଅଡୁଆ ଲାଗିଲା । କେମିତି ସେ କହିବ ସେଦିନର ସେ ଅସୌଜନ୍ୟ ଘଟଣାଟା ? ସେ ଚେଷ୍ଟା କରି ମଧ୍ୟ କିଛି କହିପାରୁ ନଥିଲା । ଯଦିଓ ଦୃଶ୍ୟଟା ସେତେ ଅଧିକ ଅପ୍ରୀତିକର ନଥିଲା, ତଥାପି ଦେବସ୍ମିତାକୁ ସଙ୍କୋଚ ଲାଗୁଥିଲା । ତା' ତରଫରୁ ଶୁଭଶ୍ରୀ କିଛି କହିବାକୁ ଯାଉଥିଲା, କିନ୍ତୁ ଜ୍ୟୋତ୍ସ୍ନା ତା' ହାତକୁ ଚାପିଧରି ତାକୁ ଅଟକାଇ ଦେଲା । ଠାରରେ କହିଲା, କଥାଟା ତାକୁ ହିଁ କହିବାକୁ ଦିଅ ।

'ହଁ କହ ! ସେଦିନ ତୋ ସହ କ'ଣ କଲା ଖଟୁଆ ?'

ସେମିତି ତଳକୁ ମୁହଁ ପୋତି ବସିରହି ନିଜ ନଖକୁ ଖୁଣ୍ଟିବାରେ ଲାଗିଥିଲା ଦେବସ୍ମିତା । ଚାହିଁଲେ ବି ତା ପାଟିରୁ କିଛି ବାହାରୁ ନଥିଲା । ତାକୁ ଡର ଲାଗୁଥିଲା । ସଙ୍କୋଚ ବି ଲାଗୁଥିଲା । ଖୁବ୍ ଅସହାୟ ମନେ କରୁଥିଲା ସେ ନିଜ ପାଇଁ ।

'ମତେ ଲାଗୁଛି ସେମିତି କିଛି ଅଧିକ ଖରାପ କାମ କରିନି ଖଟୁଆ । ଖାଲି କାନ୍ଧରେ ତ ହାତ ରଖିଥିଲା । ନା କ'ଣ କହୁଛୁ ଝିଅ ?'

ଦେବସ୍ମିତା ଏଥର ମୁହଁ ଉଠେଇ ଚମକରାଣୀଙ୍କୁ ଚାହିଁଲା । ତା' ଜିଭ ଅଗରେ ହଲ ହଲ ହେଉଥିଲା ସେଦିନର ପୂରା ଘଟଣା । ଆଖି ସାମ୍ନାକୁ ଆସି ଯାଉଥିଲା ଖଟୁଆର ଦାଢ଼ି ବାଲୁବାଲୁ ମୁହଁ । ତା ଦୁଷ୍ଟ ହସ ଓ ସାବଲୀଳ ବ୍ୟବହାର । ହାରାମୀ କୋଉଠିକାର ! ବଦମାସର କି ସାହସ ! ବର୍ଷ ବର୍ଷର ପରିଚୟ ଥିଲା ପରି ତା' କାନ୍ଧରେ କେମିତି ସେ ହାତ ରଖିଲା ? ସେତେବେଳେ ଦେବସ୍ମିତାର ଇଚ୍ଛା ବି ହେଉନଥିଲା ଖଟୁଆକୁ ଓଲଟେଇ ପଦେ କଥା କହିବାକୁ । ଇଚ୍ଛା ହେଉ ନଥିଲା ତା' ହାତଟାକୁ ତା' କାନ୍ଧ ଉପରୁ ଛାଟି ଦେବାକୁ ଦୂରକୁ । କିନ୍ତୁ ଏବେ ହେଉଛି । ତାକୁ ଦାନ୍ତ କଡ଼ମଡ଼ କରିବାକୁ ଇଚ୍ଛା ହେଉଛି । ସେ ମନେମନେ ଆଶ୍ଚର୍ଯ୍ୟ ହେଉଛି ଯେ, ସେଦିନ ସେ କେମିତି ଖଟୁଆକୁ ସେମିତି ଖାଲି ଖାଲି ଛାଡି ଦେଇଥିଲା ! ସେଇଠି ହିଁ ସେ ତା ଗାଲରେ ଦୁଇ ଚାପୁଡ଼ କଷିଦେଇ ଆସିବାର ଥିଲା । ଦେବସ୍ମିତା ଭିତରେ କିଏ ଗୋଟେ ଦିଆସିଲି କାଠି ଜାଳି ଦେଇଥିଲା ପରି ମନେହେଉଥିଲା । କିନ୍ତୁ ସେ କିଛି କହିପାରୁ ନଥିଲା ।

'ଖାଲି କାନ୍ଧରେ ହାତ ରଖିବାଟା କ'ଣ ଗୋଟେ ବଡ଼କଥା ଝିଅ ? ମୋ କଥା ମାନ, ତୁ ସେ କଥା ଭୁଲି ଯା' । ଏ ଅଡୁଆରେ ପଶନା ।'

ଚମକରାଣୀଙ୍କ କଥା ଶୁଣି ଦେବସ୍ମିତା ଭିତରେ ଜଳୁଥିବା ଦିଆସିଲି କାଠିଟି ହଠାତ୍ ଚରିଗଲା ତା' ଦେହସାରା । ସେ ନିଆଁ ହୋଇଗଲା । ଚେୟାର ଛାଡ଼ି ଠିଆ ହୋଇପଡ଼ି କଟମଟ କରି ଚାହିଁଲା ଚମକରାଣୀଙ୍କୁ । ଧୀରେ ଧୀରେ ତା' ଆଖିରେ ଛଳଛଳ ହୋଇ ଜମାଟ ବାନ୍ଧୁଥିଲା ତତଲା ଲୁହ । ନିଜ ଅଜାଣତରେ ସେ ଗର୍ଜି ଉଠିଲା– ମୁଁ କେବେବି ଛାଡ଼ିବିନି ସେ ଖଟୁଆକୁ । ଗତ ଦୁଇମାସ ହେଲା ସେ ମତେ ଶୋଇବାକୁ ବି ଦେଇନି ରାତିରେ । ସେ ଲମ୍ପଟକୁ ମୁଁ ଜେଲ୍‌ରେ ପୂରେଇବା ଯାଏଁ ଲଢ଼ିବି... ସେ ଖାଲି ମୋ କାନ୍ଧରେ ହାତ ରଖିନି ମ୍ୟାଡାମ...

ଦେବସ୍ମିତାର ରୁଦ୍ରରୂପ ଦେଖି ଜ୍ୟୋତ୍ସ୍ନା ଓ ଶୁଭଶ୍ରୀ ହତବମ୍ଭ । ତେବେ କ'ଣ ଖଟୁଆ ଦେବସ୍ମିତା ସହ ଅଧିକ କିଛି ଖରାପ କାମ କରିଛି ? ସେମାନେ ଚେୟାର ଛାଡ଼ି ଦେବସ୍ମିତାକୁ ଶାନ୍ତ କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ଚମକରାଣୀ ସେମାନଙ୍କୁ ଆଖି ଠାରରେ ବାରଣ କଲେ । ଦେବସ୍ମିତାର କଥା ସରିନଥିଲା ।

'ଦେଖିବେ ସେ କ'ଣ କରିଛି ମୋର ?'

ଦେବସ୍ମିତା ତା' ଡ୍ରେସ୍ ଖୋଲିଦେଲା । ଓଃ ! ତା' ଛାତିସାରା ଖାଲି ଦାଗ ଆଉ ଦାଗ । ହେ ଭଗବାନ ! ତେବେ କ'ଣ ଖଟୁଆ କେବଳ ତା' କାନ୍ଧରେ ହାତ ରଖିବା କଥା ଯୋଉ ଦେବସ୍ମିତା କହୁଥିଲା, ତାହା ସଂପୂର୍ଣ୍ଣ ଘଟଣା ନଥିଲା ? ଦେବସ୍ମିତା ଭିତରର କ୍ରୋଧ ଧୀରେ ଧୀରେ କାନ୍ଦରେ ରୂପାନ୍ତରିତ ହେଉଥିଲା । ସେ ସେମିତି ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ କଇଁକଇଁ ହୋଇ କାନ୍ଦି ଉଠିଲା ଓ ଲଥ୍ କରି ଚେୟାରରେ ବସିପଡ଼ିଲା । ସେମିତି କାନ୍ଦି କାନ୍ଦି ଅସ୍ପଷ୍ଟ ସ୍ୱରରେ କହୁଥିଲା...

'ଥରେ ନୁହେଁ, ଦୁଇମାସର ଚାକିରି ଭିତରେ ସେ ଲମ୍ପଟଟା ମତେ ଅନେକଥର ତା' ଅଫିସ୍ ଚ୍ୟାମ୍ବର ଭିତରେ ରାମ୍ପି ବିଦାରି ପକେଇଛି । ଖୁବ୍ କଷ୍ଟ ହେଇଛି ମ୍ୟାଡାମ୍... ଆଉ ସହି ପାରିଲିନି...'

ଚମକରାଣୀ ଚେୟାର ଛାଡ଼ି ଦେବସ୍ମିତା ପାଖକୁ ଆସି ଗୋଟେ ଓଢ଼ଣୀରେ ତା' ଦେହକୁ ଢାଙ୍କି ଦେଲେ ଓ ତାକୁ କୋଳକୁ ନେଇ ବୋଧ ଦେଉଥିଲେ । ଦେବସ୍ମିତା ଅନେକ ବେଳ ଯାଏ ସେମିତି କଇଁକଇଁ ହୋଇ କାନ୍ଦୁଥିଲା ।

*ପ୍ଲଟ୍ ନଂ-୫୨୫/୧୨୬୦୩, ସମେଇଗାଡ଼ିଆ,*
*(କଳିଙ୍ଗ କଲେଜ ପାଖ), ପୋ-ରସୁଲଗଡ଼, ଭୁବନେଶ୍ୱର-୧୦,*
*ଫୋନ୍-୯୮୬୧୪୧୫୩୭୭*
***amareshbiswal72@gmail.com***